**OFFICE OF THE MUNICIPAL COUNCIL: SUNDARGARH**

ସଂଖ୍ୟା: 3218 ତାରିଖ: 27/08/2024

## ଅଭିବ୍ୟକ୍ତି ପ୍ରକାଶନ

ଏତତଦ୍ୱାରା ସୁନ୍ଦରଗଡ଼ ପୌରପରିଷଦ ର ୱାର୍ଡ଼ ନଂ ୧୩ ର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୱାର୍ଡ଼ ନଂ ୧୩ ରେ ଥିବା ବନଦୂର୍ଗା ଗଳି ଠାରୁ ମେନ ରୋଡ଼ ପର୍ଯ୍ୟନ୍ତ ପେଭର ବ୍ଲକ ବସାଇବା କାର୍ଯ୍ୟ କରିବା ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ମାନେ ଆବଶ୍ୟକୀୟ କାଗଜପତ୍ର/ ଦସ୍ତାବିଜ ସହ ତା: ୦୭.୦୮.୨୦୨୪ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟ ସୁଦ୍ଧା ରେଜିଷ୍ଟ୍ରି ପୋଷ୍ଟ ମାଧମରେ କିମ୍ବା ପୌରପରିଷଦ ର ଆବେଦନ ପତ୍ର ଦାଖଲ ପାଇଁ ଉଦ୍ଦିଷ୍ଟ ଥିବା ବାକ୍ସରେ ସିଧାସଳଖ ଭାବରେ ଦରଖାସ୍ତ ସହ ନିମ୍ନ ଲିଖିତ ଦରକାରୀ ଦସ୍ତାବିଜ ସହିତ ପୌରସଂସ୍ଥା ରେ ଦାଖଲ କରନ୍ତୁ । ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ତା: ୦୭.୦୮.୨୦୨୪ ରିଖ ପୂର୍ବାହ୍ନ ୧୧.୩୦ ଘଟିକା ରେ ମିଶନ ଶକ୍ତି ଗୋଷ୍ଠୀ କିମ୍ବା ସେମାନଙ୍କର ପ୍ରତିନିଧି ଙ୍କ ଉପସ୍ଥିତିରେ ସୁନ୍ଦରଗଡ଼ ପୌରପରିଷଦର ସଭା ଗୃହରେ ଟେଣ୍ଡର ବାକ୍ସ ଖୋଲାଯିବା ପାଇଁ ସ୍ଥିର କରା ଯାଇଅଛି । ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡ଼ିତ ଆବେଦନ ପତ୍ର ସୁନ୍ଦରଗଡ଼ ଜିଲ୍ଲା ୱେବ ସାଇଟ www.sundargarh.nic.in ରୁ ମଧ୍ୟ ଡାଉନଲୋଡ କରିପାରିବେ । ଲଫାଫା ଉପରେ ୱାର୍ଡ଼ ନଂ ୧୩ ରେ ଥିବା ବନଦୂର୍ଗା ଗଳି ଠାରୁ ମେନ ରୋଡ଼ ପର୍ଯ୍ୟନ୍ତ ପେଭର ବ୍ଲକ ବସାଇବା କାର୍ଯ୍ୟ କରିବା ନିମନ୍ତେ ଲେଖା ଥିବା ଆବଶ୍ୟକ ଏବଂ ନିର୍ବାହୀ ଅଧିକାରୀ, ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼ ଠିକଣା ରେ ଦାଖଲ ହେବା ଆବଶ୍ୟକ । ଅଧିକ ଜାଣିବା ପାଇଁ ସୁନ୍ଦରଗଡ଼ ପୌରପରିଷଦ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ପାରନ୍ତି ।

**ମିଶନ ଶକ୍ତି ଗୋଷ୍ଠୀ ର ଯୋଗ୍ୟତା ପରିମାପକ ମାନଦଣ୍ଡ:-**

୧. ଆବେଦନ କରୁଥିବା ମିଶନ ଶକ୍ତି ଗୋଷ୍ଠୀ ସମ୍ପୃକ୍ତ ୱାର୍ଡ଼ ର ହୋଇଥିବେ ।

୨. ପଞ୍ଚସୂତ୍ର ନିୟମ କୁ ଅନୁପାଳନ କରୁଥିବେ (ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି) ।

୩. ମିଶନ ଶକ୍ତି ଗୋଷ୍ଠୀ ର PAN କାର୍ଡ଼ ଥିବା ଆବଶ୍ୟକ ।

୪. ମିଶନ ଶକ୍ତି ଗୋଷ୍ଠୀ ର ଜମାଖାତା ସକ୍ରିୟ ଥିବା ଆବଶ୍ୟକ ।

୫. ମିଶନ ଶକ୍ତି ଗୋଷ୍ଠୀ ର ପଞ୍ଜୀକରଣ ଅଭିବ୍ୟକ୍ତି ପ୍ରକାଶନ ର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବା ଆବଶ୍ୟକ ।

**ବିଶେଷ ଦ୍ରଷ୍ଟବ୍ୟ :-**

ଯେଉଁ ମିଶନ ଶକ୍ତି ଗୋଷ୍ଠୀ ସୁନ୍ଦରଗଡ଼ ପୌରପାଳିକାର ସ୍ଥାୟୀ କାର୍ଯ୍ୟରେ ଯଥା ଆହାର – FSTP, MCC, MRF,PDS ଇତ୍ୟାଦିରେ ସମ୍ପୃକ୍ତ ହୋଇ ନଥିବେ, ସେହି ମିଶନ ଶକ୍ତି ଗୋଷ୍ଠୀ କୁ ପ୍ରଥମେ ପ୍ରାଧାନ୍ୟ ଦିଆଯିବ ।

**ଦରକାରୀ ଦସ୍ତାବୀଜ :-**

୧. ମିଶନ ଶକ୍ତି ଗୋଷ୍ଠୀ ର PAN କାର୍ଡ଼ ର ନକଲ ।

୨. ମିଶନ ଶକ୍ତି ଗୋଷ୍ଠୀ ର ବିଗତ ୧ ବର୍ଷ ର ବ୍ୟାଙ୍କ ଷ୍ଟେଟମେଣ୍ଟ ର ନକଲ ।

୩. ମିଶନ ଶକ୍ତି ଗୋଷ୍ଠୀ ମଧ୍ୟରେ ଋଣର ଆଦାନ ପ୍ରଦାନ (Internal Lending) କରିଥିବା ଖାତାର ନକଲ ।

୪. ମିଶନ ଶକ୍ତି ଗୋଷ୍ଠୀ ର ବିଗତ ୧ବର୍ଷ ର କ୍ୟାଶବୁକ ର ଫଟୋ ନକଲ ।

୫ .ମିଶନ ଶକ୍ତି ଗୋଷ୍ଠୀ ର ବିଗତ ୧ ବର୍ଷ ର ବୈଠକର Resolution ର ଫଟୋ ନକଲ ।

୬. ମିଶନ ଶକ୍ତି ଗୋଷ୍ଠୀ ର କୌଣସି ଋଣ ଖିଲାପ କରି ନଥିବେ ବୋଲି ଏକ ଲିଖିତ ଘୋଷଣାନାମା ଦାଖଲ କରିବେ ।

୭. ମିଶନ ଶକ୍ତି ଗୋଷ୍ଠୀର କୌଣସି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ହୋଇ ନଥିବାର ଏକ ଲିଖିତ ଘୋଷଣାନାମା ଦାଖଲ କରିବେ ।

୮. ମିଶନ ଶକ୍ତି ଗୋଷ୍ଠୀ ଙ୍କ ରେଜିଷ୍ଟ୍ରେସନ ନକଲ ।

ନିର୍ବାହୀ ଅଧିକାରୀ

ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

ଜ୍ଞାପକ ସଂଖ୍ୟା: 3219 /ତାରିଖ: 27/08/2024

ଏହାର ଏକକିତା ନକଲ ପୌରାଧ୍ୟକ୍ଷା/ଉପପୌରାଧ୍ୟକ୍ଷ, ସଭ୍ୟ ୱାର୍ଡ଼ ନମ୍ବର-୧୩, ସୁନ୍ଦରଗଡ଼ ପୌରପାଳିକାଙ୍କ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ

ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

ଜ୍ଞାପକ ସଂଖ୍ୟା: 3220 /ତାରିଖ: 27/08/2024

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ, ସୁନ୍ଦରଗଡ଼ ପୌରପାଳିକାଙ୍କ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ

ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

ଜ୍ଞାପକ ସଂଖ୍ୟା: 3221 /ତାରିଖ: 27/08/2024

ଏହାର ଏକକିତା ନକଲ ୧୩ ନମ୍ବର ୱାର୍ଡ଼ ର ୱାର୍ଡ଼ ଅଧିକାରୀ, ସିଏମଏମ, ସୁନ୍ଦରଗଡ଼ ପୌରପାଳିକାଙ୍କ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।ଏହାର ଏକକିତା ନକଲ ଅଫିସ ନୋଟିସ ବୋର୍ଡ଼ ରେ ସମସ୍ତଙ୍କ ଅବଗତି ନିମନ୍ତେ ଲଗାଇ ଦିଆଗଲା ।

ନିର୍ବାହୀ ଅଧିକାରୀ

ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

ଜ୍ଞାପକ ସଂଖ୍ୟା: 3222 /ତାରିଖ: 27/08/2024

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ସୁନ୍ଦରଗଡ଼ଙ୍କୁ ଜିଲ୍ଲା ୱେବସାଇଟରେ ଅପଲୋଡ କରିବା ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ

ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

ଜ୍ଞାପକ ସଂଖ୍ୟା: ୩୨୨୩ /ତାରିଖ: ୨୭/୦୫/୨୦୨୪

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶିକା, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ସୁନ୍ଦରଗଡ଼ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

## ଆବେଦନ ପତ୍ର

**ମିଶନ ଶକ୍ତି ଗୋଷ୍ଠୀଙ୍କ** :-

୧. ମିଶନ ଶକ୍ତି ଗୋଷ୍ଠୀ ର ନାମ ।
୨. ମିଶନ ଶକ୍ତି ଗୋଷ୍ଠୀ ର ସଭାପତି ଓ ସମ୍ପାଦିକା ଙ୍କ ନାମ ।
୩. ମିଶନ ଶକ୍ତି ଗୋଷ୍ଠୀ ର ସଭାପତି ଓ ସମ୍ପାଦିକା ଙ୍କ ମୋବାଇଲ ନଂ।
୪. ମିଶନ ଶକ୍ତି ଗୋଷ୍ଠୀ ର ସଦସ୍ୟା ଙ୍କ ସଂଖ୍ୟା ।
୫. ମିଶନ ଶକ୍ତି ଗୋଷ୍ଠୀ ର ଠିକଣା ଓ ୱାର୍ଡ଼ ନଂ ।
୬. ମିଶନ ଶକ୍ତି ଗୋଷ୍ଠୀ ର ପଞ୍ଜୀକରଣ ନଂ।
୭. ମିଶନ ଶକ୍ତି ଗୋଷ୍ଠୀ ର ବ୍ୟାଙ୍କ ଖାତା ର ନଂ।
୮. ମିଶନ ଶକ୍ତି ଗୋଷ୍ଠୀ ର ସଞ୍ଚୟ ଖାତା ର ନଂ।
୯. ମିଶନ ଶକ୍ତି ଗୋଷ୍ଠୀ ର PAN କାର୍ଡ଼ ର ନଂ।
୧୦. ପଞ୍ଚସୂତ୍ର ନିୟମାବଳୀ ପାଳନ କରୁଛନ୍ତି କି ?

ସଭାପତି/ସମ୍ପାଦିକାଙ୍କ ଦସ୍ତଖତ

**ଦରଖାସ୍ତ ସହିତ ପ୍ରମାଣ ପତ୍ର:**

୧) ମିଶନ ଶକ୍ତି ଗୋଷ୍ଠୀ ଗଠନ ଅଧିବେଶନ ର ଫଟୋକପି ।

୨) ବ୍ୟାଙ୍କ ଖାତାର ପ୍ରଥମ ଓ ଶେଷ ପୃଷ୍ଠା ର ନକଲ ।

୩) କାର୍ଯ୍ୟ କରିବା ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀ ଦ୍ଵାରା ପାସ ହୋଇଥିବା ଅଧିବେଶନ ର ଫଟୋକପି ।

୪) ମିଶନ ଶକ୍ତି ଗୋଷ୍ଠୀ କ୍ୟାଶବୁକ ର ଫଟୋକପି ।

୫) ସଭାପତି ଓ ସମ୍ପାଦିକାଙ୍କ ଆଧାର କାର୍ଡ଼ ର ନକଲ ।

୬) ପାନ (PAN) କାର୍ଡ଼ ର ନକଲ ।

୭) ମିଶନ ଶକ୍ତି ଗୋଷ୍ଠୀ ର ଶେଷ ୧ ବର୍ଷର ଅଧିବେଶନ ର ଫଟୋକପି ।

୮) ଘୋଷଣା ପତ୍ର ରେ ଦସ୍ତଖତ କରି ଦାଖଲ ।

ନିର୍ବାହୀ ଅଧିକାରୀ
ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼